# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 24 August – 2026

************************************

## ମୁଖ୍ୟ ସମ୍ବାଦ

- ସହାନୁଭୂତି, ସମବେଦନା ଓ ସହୃଦୟତା ରାଜ୍ୟ ଶାସନ ବ୍ୟବସ୍ଥାର ମୂଳନୀତି; କହିଲେ ମୁଖ୍ୟମନ୍ତ୍ରୀ

– ରାଜ୍ୟସ୍ତରୀୟ ଜନଅଭିଯୋଗ ଶୁଣାଣିରେ ୯୫ ପ୍ରତିଶତ ମାମଲାର ସମାଧାନ ନେଇ ସୂଚନା

- ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର ଅବଧି ୨୦୨୯-୩୦ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି ନେଇ ବିଜ୍ଞପ୍ତି ପ୍ରକାଶ

- ଓଡ଼ିଶା ହିନ୍ଦୁ ଧାର୍ମିକ ଦେବୋତ୍ତର ଆଇନରେ ସଂଶୋଧନ ନେଇ ଭୁବନେଶ୍ୱରରେ ଉଚ୍ଚସ୍ତରୀୟ ବୈଠକ

ଏବଂ

- ୬ଟି ଜିଲ୍ଲାର ୨୧ଟି ବ୍ଲକ ବନ୍ୟା ପ୍ରଭାବିତ ଥିବା ସରକାରଙ୍କ ସୂଚନା

– ଲଘୁଚାପର ପ୍ରଭାବରେ ୬ଟି ଜିଲ୍ଲାରେ ଅତିପ୍ରବଳ ବର୍ଷା ସମ୍ଭାବନା

BBSR/R

## ମୁଖ୍ୟମନ୍ତ୍ରୀ– ସହାୟତା ପ୍ୟାକେଜ

ରାଜ୍ୟ ଶାସନ ବ୍ୟବସ୍ଥାର ମୂଳ ନୀତି ହେଉଛି ସହାନୁଭୂତି, ସମବେଦନା ଓ ସହୃଦୟତା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ୟୁନିଟ୍-୨ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଲୋକଙ୍କ ଅଭିଯୋଗ ଶୁଣିବା ଅବସରରେ ଶ୍ରୀ ମାଝୀ କହିଛନ୍ତି, ଲୋକଙ୍କ ସମସ୍ୟା ଶୁଣି ତାର ସମାଧାନ କରିବା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା। ୨୦୨୪ ମସିହାରେ ଅଦିନିଆ ବର୍ଷାକୁ ପ୍ରାକୃତିକ ବିପର୍ଯ୍ୟୟଭାବେ ଘୋଷଣା କରି ସହାୟତା ପ୍ରଦାନ କରାଯାଇଥିଲା। ଚଳିତ ବନ୍ୟା ପାଇଁ ମଧ୍ୟ ସହାୟତା ପ୍ୟାକେଜ ଘୋଷଣା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O -**

ପୂର୍ବରୁ ରାଜ୍ୟସ୍ତରରେ ଅନୁଷ୍ଠିତ ୧୯ଟି ପାଳିରେ ଆସିଥିବା ୧୫ ହଜାର ୩୨୭ଟି ଅଭିଯୋଗ ମଧ୍ୟରୁ ୧୪ ହଜାର ୫୧୯ଟି ଅର୍ଥାତ୍ ୯୫ ପ୍ରତିଶତ ଅଭିଯୋଗର ସମାଧାନ କରାଯାଇଛି। ସେହିଭଳି ଜିଲ୍ଲାସ୍ତରରେ ଜୁଲାଇ ମାସ ଶେଷ ସୁଦ୍ଧା ୨ ଲକ୍ଷ ୬୯ ହଜାର ୩୯୪ଟି ଅଭିଯୋଗର ଶୁଣାଣି କରାଯାଇଛି। ଏକକ ବାତାୟନ ବ୍ୟବସ୍ଥା ଜରିଆରେ ବିଭିନ୍ନ ଦୂରାରୋଗ୍ୟରେ ପୀଡ଼ିତ ୧୬ ଜଣଙ୍କ ପାଇଁ ଆଜି ୧୪ ଲକ୍ଷ ୫୦ ହଜାର ଟଙ୍କାର ଚିକିତ୍ସା ସହାୟତା ରାଶି ମଞ୍ଜୁର କରାଯାଇଛି।

BBSR/R

## ରାସ୍ତାଗୁଡ଼ିକର ଉନ୍ନତିକରଣ

ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା– ହସ୍ତାନ୍ତରିତ ରାସ୍ତା ଉନ୍ନତିକରଣ କାର୍ଯ୍ୟକ୍ରମ ଏମ୍.ଏମ୍.ଏସ୍.ୱାଇ.–ଟି.ଆର୍.ଆଇ.ପି. ଯୋଜନାକୁ ୨୦୨୬–୨୭ରୁ ୨୦୨୯–୩୦ ୪ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଗ୍ରାମାଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତରିତ ହୋଇଥିବା ରାସ୍ତାଗୁଡ଼ିକର ଉନ୍ନତିକରଣ ପାଇଁ ଏହି ପଦକ୍ଷେପ ନିଆଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତି ଅନୁଯାୟୀ ୫ ହଜାର ୩୬୫ କୋଟି ଟଙ୍କା ବ୍ୟୟ ଅଟକଳରେ ୨୩ ହଜାର ୭୦୫ କିଲୋମିଟର ଦୈର୍ଘ୍ୟ ରାସ୍ତା ପ୍ରକଳ୍ପ କାର୍ଯ୍ୟକାରୀ କରାଯିବା ସହ ଜାରି ରହିଥିବା ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟ ମଧ୍ୟ ଏହି ଅବଧି ମଧ୍ୟରେ ଶେଷ କରାଯିବ ବୋଲି ବିଜ୍ଞପ୍ତିରୁ ଜଣାପଡ଼ିଛି।

BBSR/R

## ଦେବୋତ୍ତର ବିଭାଗ ନିୟମାବଳୀ

ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଲୋକସେବା ଭବନରେ ଓଡ଼ିଶା ହିନ୍ଦୁ ଧାର୍ମିକ ଦେବୋତ୍ତର ଆଇନ-୧୯୫୧ରେ ଆବଶ୍ୟକୀୟ ସଂଶୋଧନ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରଚଳିତ ଆଇନରେ ଥିବା ବହୁ ଅନାବଶ୍ୟକ ଧାରା ଏବଂ ଉପଧାରାକୁ ଯୁଗୋପଯୋଗୀ କରିବା ନେଇ ଆଲୋଚନା ହୋଇଥିଲା। ଏହା ସହ କମିଶନର, ଅତିରିକ୍ତ କମିଶନର ଓ କ୍ଷମତାପ୍ରାପ୍ତ ଅଧିକାରୀଙ୍କ କ୍ଷମତା, କ୍ୟାଡର ପୁର୍ନଗଠନ ତଥା ଦେବୋତ୍ତର ବିଭାଗରେ ନୂତନ ନିଯୁକ୍ତି ସୃଷ୍ଟି ନେଇ ଗୁରୁତ୍ୱ ଦିଆଯାଇଥିଲା। ବୈଠକ

ପରେ ମନ୍ତ୍ରୀ  କହିଛନ୍ତି, ସଂଶୋଧିତ ଆଇନ କାର୍ଯ୍ୟକାରୀ ହେଲେ ମନ୍ଦିର, ମଠ ଏବଂ ଧାର୍ମିକ ଅନୁଷ୍ଠାନର ପ୍ରଶାସନିକ ଓ ଆର୍ଥିକ ପରିଚାଳନା ଅଧିକ ସୁଦୃଢ଼ ହୋଇପାରିବ। ସୂଚନା ଅନୁସାରେ, ରାଜ୍ୟରେ ମନ୍ଦିର ଓ ମଠଗୁଡ଼ିକର ପରିଚାଳନା ପାଇଁ ସ୍ୱଷ୍ଟ ନିୟମାବଳୀ ନ ଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି।

I&PR

## ମାଉଣ୍ଟ ୟୁନାମ ଆରୋହଣ ସଫଳତା

ହିମାଚଳ ପ୍ରଦେଶର ୬ ହଜାର ୧୧୧ ମିଟର ଉଚ୍ଚ ମାଉଣ୍ଟ ୟୁନାମ ଶୃଙ୍ଗ ସଫଳତାର ସହ ଆରୋହଣ କରିଥିବା ରାଜ୍ୟର ମହିଳା ପର୍ବତାରୋହୀ ଦଳ ଆଜି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟିଙ୍କୁ ସାକ୍ଷାତ କରିଛନ୍ତି। ଭୁବନେଶ୍ୱର ଲୋକ ଭବନରେ ରାଜ୍ୟପାଳ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହି ସଫଳତା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କହିଛନ୍ତି। ଏହାସହ ଅଧିକ ମହିଳାପର୍ବତାରୋହଣ ଓ ଅନ୍ୟାନ୍ୟ ଦୁଃସାହସିକ କ୍ରୀଡ଼ା ପ୍ରତି ଆକୃଷ୍ଟ ହେବେ ବୋଲି ରାଜ୍ୟପାଳ ଆଶାପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ପର୍ବତାରୋହୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

Malkangiri

## ବିଦ୍ୟାଳୟ ଶିକ୍ଷାଗତ ଅଗ୍ରଗତି

ପିଏମ୍‌ଶ୍ରୀ ବିଦ୍ୟାଳୟ ଯୋଜନାର କେନ୍ଦ୍ରୀୟ ପ୍ରଭାରୀ ରାଜୀବ ଶର୍ମା ମାଲକାନଗିରି ଜିଲ୍ଲା ଗସ୍ତରେ ଆସି ବିଦ୍ୟାଳୟଗୁଡ଼ିକର ଶିକ୍ଷାଗତ ଅଗ୍ରଗତି ଓ ଭିତ୍ତିଭୂମିର ଅନୁଧ୍ୟାନ କରିଛନ୍ତି। ଏହି ସମୟରେ ଶ୍ରୀ ଶର୍ମା ବିଦ୍ୟାଳୟଗୁଡ଼ିକରେ ସକ୍ଷମ କେନ୍ଦ୍ର, ଭାଷା କେନ୍ଦ୍ର, ଇ-ପାଠାଗାର, ବିଜ୍ଞାନଗାର, ଖେଳ ପଡ଼ିଆ ଓ ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ପାଠପଢ଼ା କାର୍ଯ୍ୟକ୍ରମର ଅନୁଧ୍ୟାନ କରିଥିଲେ।

Desk

## ବନ୍ୟା ପରିସ୍ଥିତି ନିରୀକ୍ଷଣ

ରାଜ୍ୟରେ ଲଘୁଚାପ ଜନିତ ବର୍ଷା ଓ ବନ୍ୟା ପରିସ୍ଥିତି ଉପରେ ସରକାର ନିରନ୍ତର ନଜର ରଖିଛନ୍ତି। ସମଗ୍ର ପରିସ୍ଥିତିକୁ ଜରୁରୀକାଳୀନ ପରିଚାଳନା କେନ୍ଦ୍ର ପକ୍ଷରୁ ନିରୀକ୍ଷଣ କରାଯାଉଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, କଳାହାଣ୍ଡି ଓ କୋରାପୁଟର ୨୧ଟି ବ୍ଲକ ବନ୍ୟା ପ୍ରଭାବିତ ହୋଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଭଦ୍ରକ ଜିଲ୍ଲାର ତିନୋଟି ବ୍ଲକର ୮୧ଟି ଶିକ୍ଷା ଅନୁଷ୍ଠାନକୁ ଆସନ୍ତାକାଲି ବନ୍ଦ ପାଇଁ ନିଷ୍ପତ୍ତି ନିଆଯାଇଛି। ବିଭିନ୍ନ ଜିଲ୍ଲାରେ ରିଲିଫ ଶିବିର ମାଧ୍ୟମରେ ପ୍ରଭାବିତଙ୍କୁ ସହାୟତା ଯୋଗାଇ ଦିଆଯାଉଛି। ବନ୍ୟା ଓ ଜଳବନ୍ଦୀ ଅଞ୍ଚଳରେ ଉଦ୍ଧାର ଓ ରିଲିଫ କାର୍ଯ୍ୟକୁ ଅଧିକ ସୁଦୃଢ଼ କରିବା ପାଇଁ ଓଡ୍ରାଫ, ଏନ୍.ଡି.ଆର.ଏଫ୍. ଏବଂ ଅଗ୍ନିଶମ ଓ ଜରୁରୀକାଳୀନ ସେବାର ମୋଟ ୬୭ଟି ଟିମ୍ ମୁତୟନ କରାଯାଇଛି। ରିଲିଫ କ୍ୟାମ୍ପ ପରିଚାଳନା ଓ

ଅନ୍ୟ କାର୍ଯ୍ୟ ପାଇଁ ଏସ୍.ଡି.ଆର୍.ଏଫ୍. ପାଣ୍ଠିରୁ ୧୭୦ ଲକ୍ଷ ୩୦ କୋଟି ଟଙ୍କା ପ୍ରଦାନ କରାଯାଇଛି ।

Bhadrak

## ବନ୍ୟା– ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଡୋବଲ ଅନ୍ତର୍ଗତ କରଦାପିସି ଉଚ୍ଚ ବିଦ୍ୟାଳୟରେ ବନ୍ୟା ପ୍ରଭାବିତଙ୍କ ପାଇଁ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଉଚ୍ଚଶିକ୍ଷା ମନ୍ତ୍ରୀ ଶିବିରରେ ଯୋଗଦେଇ କହିଛନ୍ତି, ବନ୍ୟା ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ସହ ଲୋକଙ୍କୁ ଉନ୍ନତ ଚିକିତ୍ସା ଯୋଗାଇ ଦେବା ସରକାରଙ୍କ ମୂଳଲକ୍ଷ୍ୟ ।

Ganjam

## ସାଇବର ସୁରକ୍ଷା କର୍ମଶାଳା

ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାର ଶେରଗଡ଼ ବ୍ଲକରେ ଆର୍ଥିକ ସାକ୍ଷରତା, ଡିଜିଟାଲ ନିର୍ଯାତନା ଓ ସାଇବର ସୁରକ୍ଷା ସମ୍ପର୍କିତ ଜନସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ଆର୍ଥିକ ସାକ୍ଷରତା, ନିୟମିତ ସଞ୍ଚୟର ଗୁରୁତ୍ୱ, ଅନଲାଇନ୍ ଆର୍ଥିକ କାରବାରରେ ସତର୍କତା, ଚାକିରିରେ ଠକେଇ, ଋଣ ନିମିତ୍ତ ଉଦ୍ଦିଷ୍ଟ ଆପ୍‌ରେ ଠକେଇ, ଅଜଣା ଫୋନ୍ କଲ ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ମଧ୍ୟ ଜିଲ୍ଲା କ୍ଷୁଦ୍ର ସଞ୍ଚୟ ଅଧିକାରୀ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା ।

Kendrapada

## ପାଟରାକ୍ଷୀ ପ୍ରେରଣ

ରାକ୍ଷୀ ପୂର୍ଣ୍ଣିମା ପୂର୍ବରୁ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରୁ ମା’ ସୁଭଦ୍ରା, ବଡ଼ଭାଇ ତଥା ତୁଳସୀ କ୍ଷେତ୍ରର ଆରାଧ୍ୟ ଦେବତା ଶ୍ରୀବଳଦେବଜୀଉଙ୍କୁ ପାଟରାକ୍ଷୀ ପ୍ରେରଣ କରିଛନ୍ତି। ଶ୍ରୀବଳଦେବଜୀଉ ମନ୍ଦିର ପ୍ରଶାସନ ଅଧିକାରୀଙ୍କ ଉପସ୍ଥିତିରେ ବେଦମନ୍ତ୍ର ଉଚ୍ଚାରଣ ସହ ରାକ୍ଷୀକୁ ପୂଜାପଣ୍ଡାକୁ ହସ୍ତାନ୍ତର କରାଯାଇଥିଲା। ଗହ୍ମା ପୂର୍ଣ୍ଣିମା ଦିନ ସିଂହାସନ ଆରୂଢ଼ ଶ୍ରୀବଳଦେବଜୀଉଙ୍କୁ ମା’ ସୁଭଦ୍ରାଙ୍କ ରାକ୍ଷୀ ବନ୍ଧା ଯିବାର ପରମ୍ପରା ରହିଛି।

Sambalpur

## ମାଇ ଭାରତ କାର୍ଯ୍ୟକ୍ରମ

ସମ୍ବଲପୁରରେ ଜାତୀୟ କ୍ରୀଡ଼ା ଦିବସ ପାଳନ ଅବସରରେ ‘ମେରା ଯୁବା ଭାରତ’, ‘ମାଇ ଭାରତ’ ସମ୍ବଲପୁର ଏବଂ ଆଇ.ଆଇ.ଏମ୍. ସମ୍ବଲପୁରର ମିଳିତ ସହଯୋଗରେ ବିକଶିତ ଭାରତ ଯୁବା କନେକ୍ଟ ସ୍ପୋର୍ଟସ ଏଡିସନ କାର୍ଯ୍ୟକ୍ରମ ଆସନ୍ତା ୨୭ ତାରିଖ ଗୁରୁବାର ଦିନ ଆଇ.ଆଇ.ଏମ୍. ସମ୍ବଲପୁର ପରିସରରେ ଆୟୋଜିତ ହେବ। କାର୍ଯ୍ୟକ୍ରମରେ ଆଇ.ଆଇ.ଏମ୍. ସମ୍ବଲପୁରର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିବା ସହିତ ସମ୍ବଲପୁର ମହିଳା ମହାବିଦ୍ୟାଳୟରେ ଥିବା ଏନ୍.ଏସ୍.ଏସ୍. ସହଯୋଗରେ ଏକ ସ୍ୱତନ୍ତ୍ର ଯୁବା କାର୍ଯ୍ୟକ୍ରମ ଆୟୋଜିତ ହେବ। ସୂଚନାଯୋଗ୍ୟ, ପ୍ରତି ବର୍ଷ ଅଗଷ୍ଟ ୨୯ ତାରିଖରେ ମହାନ ହକି ଖେଳାଳି  ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସ ଅବସରରେ ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଇଥାଏ। ଚଳିତ ବର୍ଷ ଏହି ଅବସରରେ ଯୁବା ସହଭାଗିତା

କ୍ରୀଡ଼ାର ବିକାଶ ଏବଂ ରାଷ୍ଟ୍ର ନିର୍ମାଣରେ ଏହାକୁ ଯୋଡ଼ିବାର ଲକ୍ଷ୍ୟ ରଖାଯାଇଛି ।

Rayagada/M.giri./Ganjam/Nayagada/Kendrapada/Kalahandi

# ଜନଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଜନଅଭିଯୋଗ ଶୁଣାଣି ଆଜି ଅନୁଷ୍ଠିତ ହୋଇଯାଇଛି ।

ନୟାଗଡ଼ ଜିଲ୍ଲାର ଓଡ଼ଗାଁ ବ୍ଲକରେ ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୨୨୮ଟି ଆବେଦନ ମଧ୍ୟରୁ ୨୭ଟି ଅଭିଯୋଗର ତ୍ୱରିତ ଶୁଣାଣି କରାଯାଇଥିଲା ।

କେନ୍ଦ୍ରପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇଠାରେ ୮୬ଟି ଅଭିଯୋଗ ଶୁଣାଣି ପାଇଁ ଗ୍ରହଣ କରାଯାଇଥିବାବେଳେ ୨୦ଟି ମାମଲାର ସମାଧାନ ହୋଇଥିଲା ।

ଗଞ୍ଜାମ ଜିଲ୍ଲା ଛତ୍ରପୁର ଉପକଣ୍ଠସ୍ଥିତ ଗଞ୍ଜାମ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଭାବେ ଜନଅଭିଯୋଗର ଶୁଣାଣି କରିଥିଲେ ।

ସେହିଭଳି ରାୟଗଡ଼ା, କଳାହାଣ୍ଡି ଓ ମାଲକାନଗିରି ଜିଲ୍ଲାରେ ମଧ୍ୟ ଲୋକଙ୍କ ଅଭିଯୋଗର ଶୁଣାଣି ହୋଇଛି ।

Bhadrak/MET

# ପାଣିପାଗ

ଉତ୍ତର ଉପକୂଳ ଓଡ଼ିଶା ଓ ସଂଲଗ୍ନ ଅଞ୍ଚଳରେ ସୃଷ୍ଟ ଲଘୁଚାପ କ୍ଷେତ୍ର ବର୍ତ୍ତମାନ ଗାଙ୍ଗେୟ ପଶ୍ଚିମବଙ୍ଗ ଓ ଉତ୍ତର ଓଡ଼ିଶା ସଂଲଗ୍ନ ଅଞ୍ଚଳରେ ଅବସ୍ଥିତ ରହିଛି। ଏହା ଆଗାମୀ ୨୪ ଘଣ୍ଟା ମଧ୍ୟରେ ଉତ୍ତର–ପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲ୍ଲାରେ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିଭଳି ବିଜୁଳି, ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ରାଜ୍ୟରେ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି।

ଲଗାଣ ବର୍ଷାର ପ୍ରଭାବରେ ଭଦ୍ରକ ଜିଲ୍ଲାରେ ଆଖୁଆପଦାଠାରେ ବୈତରଣୀ ନଦୀ ଜଳସ୍ତର ବିପଦ ସଂକେତ ଉପରେ ପ୍ରବାହିତ ହେଉଛି।

ଗତ ପହିଲାରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ବର୍ଷାର ପରିମାଣ ୩୨୭ ମିଲିମିଟର ରହିଛି। ଯାହା ସ୍ୱାଭାବିକ ବର୍ଷାହାର ୨୭୫ ଦଶମିକ ୬ ମିଲିମିଟର ତୁଳନାରେ ୧୮ ଦଶମିକ ୬ ପ୍ରତିଶତ ଅଧିକ।